# Akashvani, Sambalpur

## SAMBALPURI NEWS EVENING BULLETIN

## 15 January 2025- 7.02 pm- 7.12 pm.

*********************************************

୧- ପୁର୍‌ଥି ନ ଗୁଟେ ବଡ଼ ସାମୁଦ୍ରିକ ଶକ୍ତି ଭାବେ ଉଭ୍‌ରୁଛେ ଏଛନିର୍ ଭାରତ୍ - କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ଦେଶ୍ ଲାଗି ଉତ୍ସର୍ଗ କଲେ ୩ ଟା ଯୁଦ୍ଧ ଜାହାଜ୍ ।

୨- ରାଏଜେ ବଢ଼୍‌ତି ଭତା ବାଂଟ୍‌ବାର୍ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ।

୩- ଆଏଜ୍ ଭାରତୀୟ ସେନାଦିବସ୍- ଶୁଭେଛା ଜନାଲେ ରାଷ୍ଟ୍ରପତି, ପ୍ରଧାନ୍‌ମନ୍ତ୍ରୀ ।

ଆଉର୍

୪- ସମ୍ବଲ୍‌ପୁର୍ ଠାନେ ଆଏଜ୍‌ଠାନୁ ମୁଲ୍ ହେଲା ସମ୍ବଲ୍‌ପୁରୀ ଧନୁଯାତ୍ରା ।

୩ଟା ଯୁଦ୍ଧ ଜାହାଜ୍ ଜଳାବତରଣ ପିଆଇବି

ଇଛ୍ନିର୍ ଭାରତ୍ ପୁରଥିନ ଗୁଟେ ବଡ଼ ସାମୁଦ୍ରିକ୍ ଶକ୍ତି ଭାବେ ଉଭ୍ରୁଛେ ବଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ । ମୁମ୍ବାଇର୍ ନାଭାଲ୍ ଡକ୍ୟାର୍ଡଠାନେ ଆଏଜ୍ ଜଳାବତରଣ କରିକରି ଭାରତୀୟ ନୌସେନାର୍ ୩ଟା ଯୁଦ୍ଧ ଜାହାଜ୍ ଆଇଏନ୍ଏସ୍ ସୁରଟ୍, ଆଇଏନ୍ଏସ୍ ନୀଳଗିରି ଆଉ ଆଇଏନ୍ଏସ୍ ୱାଘଶିର୍କେ ଦେଶ୍ ଲାଗି ସମର୍ପିତ୍ କରିକରି ପ୍ରଧାନମନ୍ତ୍ରୀ କହିଛନ୍, ଧର୍ତି, ଆକାଶ୍, ପାଏନ୍ ସଙ୍ଗେ ସମୁଦ୍ର ଗହେର୍ନୁ ମୁଲ୍ କରିକରି ମହାଶୂନ୍ୟ ତକ୍ ଭାରତ୍ ତାର ସ୍ୱାର୍ଥର୍ ସୁରକ୍ଷା ଦିଗେ ଲାଗିଛେ । ବିଶ୍ୱସ୍ତର୍ ନ ଭାରତ୍ ଇଛେନ୍ ଗୁଟେ ଦାୟିତ୍ୱବାନ୍ ଆର୍ ବିଶ୍ୱାସର୍ ପାତ୍ର ହେଇପାରିଛେ ବଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍ ।

(ଭଏସ୍ ଓଭର୍-୧ ପ୍ରଧାନ୍ମନ୍ତ୍ରୀ)

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍, ଇ ତିନ୍ଟା ଯାକ ଯୁଦ୍ଧ ଜାହାଜ୍ ଏକବିଂଶ ଶତାବ୍ଦୀ ନ ଭାରତୀୟ ନୌସେନାକେ ବର୍କସ୍ କର୍ବାର୍ ଲାଗି ବଡ଼ଟେ ପଦକ୍ଷେପ୍ ଆଏ । ତିନ୍ ଜାହାଜ୍ ଭିତ୍ରୁ ଗୁଟେ ବିଧ୍ୱଂସ୍କାରୀ, ଗୁଟେ ବୁଡ଼ାଜାହାଜ୍ ଆର୍ ଆଉଗୁଟେ ଯୁଦ୍ଧ ଜାହାଜ୍ ଆଏ । ସବୁନୁ ବଡ଼ କଥା ହେଲା ତିନିଟା ଯାକ ଜାହାଜ୍ ଆମର୍ ଦେଶେ ତିଆର୍ ହେଇଛେ । ଇଥିର୍ ଲାଗି ଆଏଜ୍ ଭାରତୀୟ ସାମୁଦ୍ରିକ୍ ଐତିହ୍ୟ,

ନୌସେନାର୍ ଭବ୍ୟ ଇତିହାସ୍ ଆଉର୍ ଆତ୍ମନିର୍ଭର୍ ଭାରତ୍ ଅଭିଯାନ୍ ଲାଗି ବଡ଼ ଦିନ୍ ଆଏ ବଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ।

ମୁଖ୍ୟମନ୍ତ୍ରୀ- ଭତା          ଆଇ ଆଣ୍ଡ ପିଆର୍

ରାଏଜର୍ ୮୦ ବଛର୍‌ନୁ ଅଏତ୍‌କା ଆର୍ ୮୦ ପ୍ରତିଶତ୍ ଦିବ୍ୟାଙ୍ଗମାନଙ୍କୁ ଆଏଜଠାନୁ ୩୫ ଶହ ଟଙ୍କା ଲେଖା ଭତା ଦିଆଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ କେନ୍ଦୁଝର୍‌ଠାନେ ଇ ବଢ଼ତି ଭତା ବଂଟନ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରି କରି କହିଛନ୍, ଯେନ୍ ସମାଜ୍‌ନ ବରିଷ୍ଠ ନାଗରିକ୍, ଦିବ୍ୟାଙ୍ଗ ଆର୍ ଅସହାୟମାନଙ୍କର୍ ସମ୍ମାନ୍ କର୍‌ହେସି ସେ ସମାଜ୍ ଗୁଟେ ଆଦର୍ଶ ସମାଜ୍ । ରାଷ୍ଟ୍ରୀୟ ସାମାଜିକ୍ କାର୍ଯ୍ୟକ୍ରମ ହଉ କି ମଧୁବାବୁ ପେନ୍‌ସନ, ଇଥି ସାମିଲ୍ ସବୁ ହିତାଧିକାରୀ ବଢ଼୍‌ତି ଭତା ପାଏବେ ।  ଇ ଯୋଜ୍‌ନାଥି ରାଏଜର୍ ୪ ଲାକ୍ଷ୍ ୧୭ ହଜାର ୪ ଶହ ୯୬ ଝନ୍ ହିତାଧିକାରୀ ଉପକୃତ୍ ହେବେ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

(ଭଏସ୍ ଓଭର୍-୧ - ମୁଖ୍ୟମନ୍ତ୍ରୀ)

କେନ୍ଦୁଝର୍ ସହେତେ ରାଜ୍ୟର୍ ଭିନ୍ ଭିନ୍ ଠାନେ ଭିଲ୍ ଆଏଜ୍ ଭତା ବଂଟନ୍ କରାଯାଇଛେ । ସମ୍ବଲ୍‌ପୁର୍ ସହରର୍

ତପସ୍ୱିନୀ ହଲ୍ ଠାନେ ଭତା ବଂଟନ୍ ସମାରୋହ ହେଇଯାଇଛେ । ଆଏଜ୍ ଜିଲ୍ଲାର୍ ୮ ହଜାର୍ ୬ ଶହ ୬୨ ଝନ୍‌କୁ ୩ ହଜାର୍ ୫ ଶହ ଟଙ୍କା ଲେଖା ଭତା ଦିଆଯାଇଛେ । କାର୍ଯ୍ୟକ୍ରମ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ ରବି ନାଏକ୍ ଆର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ଅତିଥି ଭାବେ ଯୋଗ୍ ଦେଇଥିଲେ ।

ସେନ୍ତା ନୂଆପଡ଼ା ଜିଲ୍ଲା ସାଂସ୍କୃତିକ୍ ରଙ୍ଗମଂଚ୍ ଠାନେ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ହିତାଧିକାରୀଙ୍କୁ ଭତା ବଂଟନ୍ କରିଥିଲେ । ଜିଲ୍ଲାର୍ ୯ ହଜାର୍ ୯ ଶହ ୩୦ ଝନ୍ ବୟସ୍କ ଆର୍ ୧ ହଜାର୍ ୨ ଶହ ୬୧ ଝନ୍ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ମନ୍ତ୍ରୀ ଭତା ବାଂଟିଥିଲେ ।

ବର୍‌ଗଡ଼୍ ଜିଲ୍ଲା ନ ହେଇଥିବା ଭତା ବଂଟନ୍ କାର୍ଯ୍ୟକ୍ରମ୍‌ଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଯୋଗ୍ ଦେଇଥିଲେ । ଇ ଉଧେ ସେ ୧୪ ହଜାର୍ ୫ ଶହ ୭୨ ଝନ୍ ହିତାଧିକାରୀଙ୍କୁ ଭତା ବାଂଟିଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲା ନ ଭିଲ୍ ସହରର୍ ଟାଉନ୍ ହଲ୍ ଠାନେ ୪ ହଜାର୍ ୨ ଶହ ୭୯ ଝନ୍ ବୟସ୍କ ଆର୍ ୧ ହଜାର୍ ୭ ଶହ ୭୧ ଝନ୍ ଦିବ୍ୟାଙ୍ଗ ହିତାଧିକାରୀମାନ୍‌କୁ ବଢ଼୍‌ତି ଭତା ଦିଆଯାଇଛେ ।

ମହାକୁମ୍ଭ      ଏନ୍‌ଏସ୍‌ଡି

ଉତର୍‌ପ୍ରଦେଶ୍‌ର ପ୍ରୟାଗ୍‌ରାଜ୍‌ଠାନେ ଚାଲୁଥିବା ମହାକୁମ୍ଭ ସାରା ପୁର୍‌ଥିର୍ ଦୃଷ୍ଟି ଆକର୍ଷଣ୍ କରୁଛେ । ଇ ଅବ୍‌ସରେ ଆଏବା କାଏଲ୍ ୧୦ ଟା ଦେଶର୍ ୨୧ ଝନିଆ ପ୍ରତିନିଧି ଦଲ ତ୍ରିବେଣୀ ସଂଗମ୍ ନ ପବିତ୍ର ବୁଡ଼ ପକାବେ । ବୈଦେଶିକ ମନ୍ତ୍ରଣାଲୟ ତର୍‌ଫୁ ଆମନ୍ତ୍ରିତ୍ ଇ ପ୍ରତିନିଧି ଦଲ୍ ଆଏଜ୍ ପ୍ରୟାଗ୍‌ରାଜ୍ ପୁହୁଁଚିଛନ୍ । ଅନ୍ତର୍ଜାତୀୟ ପ୍ରତିନିଧି ଦଲ୍‌ଥି ଫିଜି, ଫିନ୍‌ଲେଣ୍ଡ, ଗିଆନା, ମାଲେସିଆ, ମରିସସ୍, ସିଙ୍ଗାପୁର୍, ଦକ୍ଷିଣ୍‌ଆଫ୍ରିକା, ଶ୍ରୀଲଙ୍କା, ତ୍ରିନିଦାଦ, ଟବାଗୋ ଆର୍ ସଂଯୁକ୍ତ ଆରବ୍ ଆମିରେଟ୍‌ସର ପ୍ରତିନିଧି ମାନେ ସାମିଲ୍ ଅଛନ୍ ।

ଜାତୀୟ ଶିକ୍ଷାନୀତି- ୨୦୨୦ ଆଇ ଆଣ୍ଡ ପିଆର୍

ରାଜ୍ୟର୍ ସବୁ ସ୍କୁଲ୍ ନ ଜାତୀୟ ଶିକ୍ଷାନୀତି- ୨୦୨୦ ଲାଗୁ କର୍‌ବାର୍‌କେ ନେଇକରି ଆଏଜ୍ ସ୍କୁଲ୍ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଗୁଟେ ବିଜ୍ଞପ୍ତି ବାହାରିଛେ । ଜାତୀୟ ପାଠ୍ୟକ୍ରମକେ ଆଧାର୍ କରିକରି ଆର୍ ଆଂଚଲିକ୍ ପ୍ରସଙ୍ଗକେ ମିଶେଇକରି ଇ ନୂଆଁ ଶିକ୍ଷାନୀତି ପ୍ରଚଲନ୍ କରାଯିବା ବଲି ବିଜ୍ଞପ୍ତିଥି କୁହାଯାଇଛେ ।

ମନ୍ କି ବାତ୍         ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୧୯ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୮ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଲୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଭାରତୀୟ ସେନାଦିବସ         ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଭାରତୀୟ ସେନାଦିବସ ପାଲନ୍ କରାଯାଉଛେ । ଆଝିର୍ ଦିନେ ଫିଲ୍ଡ ମାର୍ସଲ୍ କେ.ଏମ୍. କାରିଆପ୍ପା - ବ୍ରିଟିଶ୍ କମାଣ୍ଡିଙ୍ଗ୍ ଜେନେରାଲ୍ ରବର୍ଟ ରୟ ଫ୍ରାନ୍ସିସ୍ ବୁଚର୍ଙ୍କର୍ଠାନୁ ଭାରତୀୟ ସେନାର୍ ପହେଲା କମାଣ୍ଡର୍ ଇନ୍ ଚିଫ୍ ଭାର୍ ନେଇଥିଲେ । ହେଟାକେ ସୁର୍ତା କର୍ବାର୍ ସଙ୍ଗେ ଭାରତୀୟ ସେନାର୍ ବୀର ସୈନିକ୍ ମାନ୍କର ବଲିଦାନ୍କେ ଲୁକ୍କର୍ ମନ୍ ଭିତ୍ରେ ଜିଏଁଇ ବଂଚେଇ କରି ରଖ୍ବାର୍କେ ଫି ବଛର୍ ଜାନୁଆରୀ ୧୫ ତାରିଖ୍କେ ଭାରତୀୟ ସେନା ଦିବସ୍ ଭାବେ ପାଲନ୍ କରାଯାଏସି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ସେନାଦିବସ୍ଥି ସେନା କର୍ମଚାରୀ ଆର୍ ସୈନିକ୍ ମାନ୍କୁ ଶୁଭେଚ୍ଛା ଜନେଇଛନ୍ । ଇ ଅବ୍ସରେ ରାଷ୍ଟ୍ରପତି ତାଙ୍କର୍ ବାର୍ତାଥି ଜାତୀୟ ସୁରକ୍ଷା ସୁନିଶ୍ଚିତ୍ କର୍ବାର୍ଥି ସେନାର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପ୍ରେ ଜୋର୍ ଦେଇଛନ୍ ।

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ସେନାଦିବସ୍ ଅବ୍ସରେ ଦେଶ୍ବାସୀଙ୍କୁ ଶୁଭେଚ୍ଛା ଜନାବାର୍ ସହେତେ ଦେଶର୍ ସୁରକ୍ଷା ଲାଗି ଭାରତୀୟ ସେନା ଅହରହ ସଜାଗ୍ ଅଛନ୍ ବଲି କହିଛନ୍ । ପ୍ରଧାନ୍ମନ୍ତ୍ରୀ ଆହୁରି କହିଛନ୍ ଯେ, ଆଏଜ୍ ସେନାଦିବସ୍ ଅବ୍ସରେ ଆମେ ଭାରତୀୟ ସେନାର୍ ସାହସ୍କେ ସଲାମ୍ ଜନଉଛୁ ।

ଭାରତୀୟ ସେନାଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭାରତୀୟ ସେନାର ଅଦମ୍ୟ ସାହସ୍, ସମର୍ପଣ୍ ଆର୍ ନିଷ୍ଠାପୂର୍ଣ୍ଣ ସେବା ଭାବ୍ ଲାଗି କୃତଜ୍ଞତା ଜନେଇଛନ୍ ।

ସେନ୍ତା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସାମାଜିକ୍ ଗଣମାଧ୍ୟମ୍ ଜରିଏ ସୈନିକ୍ ଆର୍ ସେମାନ୍‌କର୍ ପରିବାର୍ ବର୍ଗଙ୍କୁ ସେନାଦିବସ୍‌ର ଶୁଭେଚ୍ଛା ଜନେଇଛନ୍ ।

ରାଜସ୍ୱ ମନ୍ତ୍ରୀ-ନୂଆପଡ଼ା ଗସ୍ତ ନୂଆପଡ଼ା ସମ୍ବାଦଦାତା

ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଦିନ୍‌କିଆ ନୂଆପଡ଼ା ଜିଲ୍ଲା ଗସ୍ତ କରିକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଛନ୍ । ଖଡ଼ିଆଲ୍ କୌଶଲ୍ୟା ମଣ୍ଡପ୍ ଠାନେ ଅଭିଯୋଗ୍ ଗ୍ରହଣ୍ ଆର୍ କର୍ମୀ ସମ୍ମିଲନୀଥି ମନ୍ତ୍ରୀ ଶ୍ରୀ ପୂଜାରୀ ଯୋଗ୍ ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି ଅତିଥି ଭାବେ କଲାହାଣ୍ଡି ସାଂସଦ୍ ମାଳବିକା ଦେବୀଙ୍କର୍ ସହେତେ ବହୁତ୍ କର୍ମୀ ଆର୍ ସିଆନ୍ ସୁଜନ୍ ଯୋଗ୍ ଦେଇଥିଲେ ।

ଗଜପତିଙ୍କର୍ ରାଜ୍ୟାଭିଷେକ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀନଅର ନ ଆଏଜ୍ ଗଜପତି ମହାରାଜ୍ ଶ୍ରୀ ଦିବ୍ୟସିଂହ ଦେବଙ୍କର୍ ରାଜ୍ୟାଭିଷେକ ନୀତି ହେଇଯାଇଛେ । ପରମ୍ପରା ଅନ୍‌ସାରେ ପୁଷ୍ୟାନକ୍ଷତ୍ର ତିଥି ନ ଗଜପତି ମହାରାଜ୍ ସିଂହାସନ୍ ଆରୋହଣ୍ କର୍‌ବାର୍ ସହେତେ ଅଭିଷେକ୍ ନୀତି କରାହେସି । ଇଥିର୍‌ଲାଗି ଶ୍ରୀନଅର୍ ନ ଅଭିଷେକ୍ ଆଘୋନୁ ବରୁଣ ପୂଜା, ପଂଚଦେବତା ପୂଜା, ବଡ଼ଧନୀ କଳସ ପୂଜା ଆର୍ ରାମାଭିଷେକ ପଛିଁ ପୂଜା କରାଯାଇଛେ । ଇତାର୍‌ଉତ୍‌ରୁ ଗଜପତି ମହାରାଜ୍ ତାଙ୍କର୍ ପାରମ୍ପରିକ୍ ବେଶଥି ସିଂହାସନ୍‌କେ ବିଜେ କର୍‌ବାର୍ ଉତ୍‌ରୁ ୧୬ ଶାସନ୍ ବ୍ରାହ୍ମଣ ଆର୍ ପଣ୍ଡିତମାନେ ତାଙ୍କୁ ନଡ଼ିଆ ଆର୍ ପଏତା ଦେବାର୍ ସହେତେ ଗଜପତି ଆର୍ଶିବାଦ୍ ଦେଇଥିଲେ ।

ବିଦ୍ୟୁତ୍ କାଟ୍        ସମ୍ବଲ୍‌ପୁର୍ ସମ୍ବାଦଦାତା

ବିଦ୍ୟୁତ୍ ବିତରକ କମ୍ପାନୀ -ଟିପିଡବ୍ଲୁଓଡିଏଲ୍ ତର୍‌ଫୁ ୧୩୨/୩୩ କେଭି ସମ୍ବଲ୍‌ପୁର୍ ଗ୍ରୀଡ୍ ସବ୍‌ଷ୍ଟେସନ୍‌ଥି ମରାମତି କାମ୍ ଲାଗି ସମ୍ବଲ୍‌ପୁର୍ ସହର୍‌ର୍ ଭିନ୍ ଭିନ୍ ଇଲାକା ନ ଆଏବା କାଏଲ୍ ଆର୍ ପର୍‌ଦିନ ବିଦ୍ୟୁତ୍ ଯୋଗାଣ ବନ୍ଦ୍ ରହେବା । ସହରର୍ ଚେରୁଆପଡ଼ା , ଝାଡୁଆପଡ଼ା, ବଡ଼ବଜାର୍, ବଲ୍‌ବସ୍‌ପୁର୍, ବାଲିବନ୍ଧା, ଫାର୍ମରୋଡ୍, ଜିଲ୍ଲା ମୁଖ୍ୟ

ଚିକିତ୍ସାଳୟ, ଭାଲୁପାଲି, କାଇଁସିର୍ ରୋଡ୍, ଏନ୍‌ଗୁହା ଲେନ୍, ରେଲ୍‌ୱେ ଷ୍ଟେସନ୍ ଇଲାକା, ସମଲେଶ୍ୱରୀ ମନ୍ଦିର୍ ଇଲାକା, ଲକ୍ଷ୍ମୀଟକିଜ, ପୁଲିସ୍ ଲାଇନ୍ ଆର୍ ତାର୍ ଆଖର୍‌ପାଖର୍ ଇଲାକା ନ ସଖାଲର୍ ସାଢ଼େ ୯ ନୁ ଦୁଇପହରର୍ ୩ ବଜେତକ୍ ଲାଇନ୍ ଯିବା ।

ସମ୍ବଲ୍‌ପୁରୀ ଧନୁଯାତ୍ରା          ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ନ ଆଏଜ୍‌ଠାନୁ ମୁଲ୍ ହେଇଛେ ସମ୍ବଲ୍‌ପୁରୀ ଧନୁଯାତ୍ରା । ଧନୁଯାତ୍ରା କମିଟି ତର୍‌ଫୁ ଆଏଜ୍ ସଖାଲେ ସମ୍‌ଲେଇ ଗୁଡ଼ିନୁ ଗୁଟେ ସାଂସ୍କୃତିକ୍ ଶୋଭାଯାତ୍ରା ବାହାରିକରି ନଗର୍ ପରିକ୍ରମା କରିଥିଲା । ଧନୁଯାତ୍ରା ଲାଗି ଗଙ୍ଗାଧର୍ ମଣ୍ଡପ୍ ମଥୁରା ନଗରୀ ଆର୍ ଚାଉଁର୍‌ପୁର୍ ଗୋପପୁର ହେଇଛେ । ଧନୁଯାତ୍ରା ଉଦ୍‌ଘାଟ୍‌ନୀ ସଙ୍ଗେ ଉଗ୍ରସେନଙ୍କର୍ ଗାଦିଚ୍ୟୁତ ଆର୍ କଂସଙ୍କର୍ ସିଂହାସନ ଆରୋହଣ୍, ବସୁଦେବ- ଦେବକୀଙ୍କୁ ବନ୍ଦୀ ବନାବାର୍ ଦୃଶ୍ୟାଭିନୟ ଦେଖିବାର୍‌କେ ମିଲ୍‌ବା ।

ଇନ ଜନେଇ ଦିଆଯାଇପାରେ ଯେ, ସମ୍ବଲ୍‌ପୁରୀ ଭାଷା, ସାହିତ୍ୟ ଆର୍ ସଂସ୍କୃତିର୍ ପ୍ରଚାର୍ ପ୍ରସାର୍ ଲାଗି ଗଲାବଛର୍‌ନୁ ସମ୍ବଲ୍‌ପୁର୍ ଇ ସମ୍ବଲ୍‌ପୁରୀ ଧନୁଯାତ୍ରା ମୁଲ୍ ହେଇଛେ । ଧନୁଯାତ୍ରା ଆଏବା ୧୯ ତାରିଖ୍‌ତକ୍ ଚାଲ୍‌ବା ।

କଲାହାଣ୍ଡି ଉତ୍ସବ୍-ଘୁମ୍‌ରା       କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଟାଉନ୍ ହଲ୍‌ଠାନେ କଲାହାଣ୍ଡି ଉତ୍ସବ୍-ଘୁମ୍‌ରା-୨୦୨୫ ଅବ୍‌ସରେ ଆଏଜ୍ ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ୍ ହେଇଯାଇଛେ । ଜିଲ୍ଲାପାଲ୍ ପାଓ୍ୱାର୍ ସଚିନ୍ ପ୍ରକାଶ୍ ଇତାର୍ ଉଦ୍‌ଘାଟନ୍ କରିଥିଲେ । ଇ ଅବ୍‌ସରେ କବୟିତ୍ରୀ ମଞ୍ଜୁ ମେଧା ଗୁରୁଙ୍କୁ ମାଟିପୁତ୍ର ସମ୍ମାନ୍‌ଥି ସମ୍ମାନିତ୍ କରାଯାଇଥିଲା । ପାଠୋତ୍ସବ୍ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାର୍ ଭିନ୍ ଭିନ୍ ଜାଗାନୁ ୨ ଶହ ନୁ ଅଏତ୍‌କା କବି ଯୋଗ୍ ଦେଇଥିଲେ ।

ହକି ଇଣ୍ଡିଆ ଲିଗ୍          ଆର୍‌ଏନ୍‌ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍ ନ ଆଏଜ୍ ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ୟୁପି ରୁଦ୍ରାସ୍ ଆଉ ସ୍ରାଚୀ ରାହା ବେଙ୍ଗଲ୍ ଟାଇଗର୍ସ ଭିତ୍‌ରେ ମେଚ୍ ହେବା । ଇ ମେଚ୍ ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ମୁଲ୍ ହେବା ।

ସେନ୍ତା ରାଂଚି ଠାନେ ମହିଳା ବର୍ଗଥି ଓଡ଼ିଶା ଓ୍ୱାରିୟର୍ସ ଆର୍ ସୁର୍‌ମା ହକି କ୍ଲବ୍ ଭିତ୍‌ରେ ମେଚ୍ ହେବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର୍

ରାଏଜେ ଆଏବା ରଏବାର୍‌ତକ୍ ପାଗ୍ ଏନ୍ତା ରହେବା । ତାର୍‌ଉତ୍‌ରୁ ତାପମାତ୍ରା ୨ ନୁ ୩ ଡିଗ୍ରୀ କମ୍‌ବାର୍ ସହେତେ ଶୀତ୍ ବଢ୍‌ବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ସେଆଡ୍ରେ ଆଏବା କାଏଲ୍ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ସୁବର୍ଣ୍ଣପୁର୍, ଦେବ୍‌ଗଡ୍ ସହେତେ ରାଏଜର୍ କେତେଟା ଜିଲ୍ଲା ନ ବହଲିଆ କୁହୁଡ଼ି ଦେଖାଯିବା ବଲି ପାଣିପାଗ୍ କେନ୍ଦ୍ର ସୂଚ୍‌ନା ଦେଇଛେ ।